## ନିଆଁରେ ପୋଡ଼ି ପାଟୁଆ ଗୁରୁତର

ସୋର,(ଜନ୍ମେଜୟ ମିଶ୍ର)- ସୋର ପୌରପାଳିକା ଅନ୍ତର୍ଗତ ଇଟୁଆ ଗ୍ରାମରେ ଅନୁଷ୍ଠିତ ରାଉତାଣି ଠାକୁରାଣୀଙ୍କ ଉଡ଼ାଯାତ୍ରାରେ ଜଣେ ପାଟୁଆ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସାପାଇଁ ତାଙ୍କୁ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ସକାଳେ ଅନୁଷ୍ଠିତ ଝୁଣା ପାଟ କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମର ପାଟୁଆ ଗୌତମ ସାହୁ (୨୧) ଝୁଣା ପାଟରେ ଝୁଲୁ ଥିବା ସମୟରେ ହଠାତ୍ ଦଉଡ଼ିଟି ଛିଣ୍ଡିଯିବାରୁ ସେ ନିଆଁରେ ପଡ଼ି ଯାଇ ଗୁରୁତର ହୋଇଥିଲେ।

# ଜଳ ଅଭାବରୁ ନଷ୍ଟ ହେଉଛି ଚାରା

କେନ୍ଦୁଝର,୧୬।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ପଦ୍ମପୁର ମେଗା ନର୍ସରି
- ୨ ଲକ୍ଷ ସ୍ଥାନରେ ୬ ଲକ୍ଷ ଲାଗିଛି
- ଆବଶ୍ୟକ ଜଳ ସିଞ୍ଚନ ହୋଇପାରୁନି
- ଚାରା ପିଛା ୪୦ ଟଙ୍କାର କ୍ଷତି ଆଶଙ୍କା

କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ଅଧୀନରେ ଥିବା ପଦ୍ମପୁର ମେଗା ନର୍ସରିରେ ହଜାର ସଂଖ୍ୟାରେ ବିଭିନ୍ନ କିସମର ଚାରା ଶୁଖି ନଷ୍ଟହେବାକୁ ବସିଛି। ଜିଲାରେ ତାପମାତ୍ର ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଏ ନେଇ ପ୍ରତିକାର ବ୍ୟବସ୍ଥା ଯଥା ସେଡ୍ (ଘୋଡ଼ଣୀ) କରାଯାଇନାହିଁ। ଆବଶ୍ୟକ ମୁତାବକ ଜଳ ସିଞ୍ଚନ ମଧ୍ୟ ହେଉନାହିଁ। ଫଳରେ ଅନେକ ଚାରା ଉପର ଭାଗ ଶୁଖିଯାଇଛି। ଚଳିତ ବର୍ଷ ଜୁଲାଇରେ ହେବାକୁ ଥିବା ବନ ମହୋତ୍ସବରେ ଏହି ଚାରା ରୋପଣ କରାଗଲେ ଶୀଘ୍ର ବଢ଼ିବ ନାହିଁ ଏବଂ ବଞ୍ଚିବା ନେଇ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଜିଲା ବନ ବିଭାଗ ମୁଖ୍ୟାଳୟରୁ ମାତ୍ର ୧୨ କି.ମି. ଦୂରରେ ଏହି ନର୍ସରି ରହିଥିଲେ ମଧ୍ୟ ଏଥିପ୍ରତି ବିଭାଗର ଅବହେଳା ଯୋଗୁ ବ୍ୟାପକ ରାଜସ୍ୱ କ୍ଷତି ହେବାକୁ ବସିଛି ବୋଲି ମତ ପ୍ରକାଶ ପାଉଛି।

ପ୍ରକାଶ ଯେ, ପ୍ରାୟ ୧୧ ହେକ୍ଟର ପରିମିତ ଏହି ମେଗା ନର୍ସରି ୨୦୧୪-୧୫ରେ ପ୍ରତିଷ୍ଠା ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ କାମ୍ପା ଅନୁଦାନରେ ୩ ଲକ୍ଷ ୯୦ ହଜାର, ଡିଏମ୍ଏଫ୍(ଜିଲା ଖଣିଜ ପାଣ୍ଠି)ରେ ୩୨ ହଜାର ୪୦୦, ଓଏମ୍‌ବିଏଡିସି ( ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ଅନୁଦାନରେ ୮୦ହଜାର ୨୯୫ ଏବଂ ଗ୍ରୀନ୍ ମହାନଦୀ ମିଶନରେ ୬୮ ହଜାର ୨୫୦ଟି ୧୮ ମାସିଆ ଚାରା ପ୍ରସ୍ତୁତ କରାଯାଇଛି। ଏନେଇ ମୋଟ ୧୧୭୦ ବେଡ୍ କରାଯାଇଛି। ମାତ୍ର ଜଳ ସମସ୍ୟା କାରଣରୁ ୨ ଓଳି ପାଣି ଦେବା ସମ୍ଭବପର ହେଉନାହିଁ। ଫଳରେ ହଜାର ସଂଖ୍ୟାରେ ଚାରା ପାଣି ଅଭାବରୁ ଶୁଖି ନଷ୍ଟହେବାକୁ ବସିଲାଣି। ଏଠାରେ ଜଳ ସମସ୍ୟା ରହିଥିଲେ ମଧ୍ୟ ବନ ବିଭାଗ



ଖରାରେ ଚାରାର ପତ୍ର ଶୁଖିଯାଇଛି।

ପକ୍ଷରୁ ଆବଶ୍ୟକତାଠାରୁ ୩ ଗୁଣ ଅଧିକ ଚାରା ସୃଷ୍ଟି କରାଯାଇଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି, ଏହି ନର୍ସରିରେ ୨ ଲକ୍ଷ ଚାରା ପାଇଁ ପାଣିର ବ୍ୟବସ୍ଥା ଥିବାବେଳେ ପାଖାପାଖି ୬ ଲକ୍ଷ ଚାରା ପ୍ରସ୍ତୁତ କରାଯାଉଛି। ନର୍ସରି ଭିତରେ ୫ଟି ବୋର୍‌ୱେଲ ଥିବାବେଳେ ୩ଟିରୁ କମ୍ ପାଣି ବାହାରୁଛି। ଖରାଦିନରେ ଜଳସ୍ତର କମୁଥିବାରୁ ମୋଟର ଘଣ୍ଟାଏ ଚାଲିଲେ ୨ ଘଣ୍ଟା ବନ୍ଦ ରହୁଛି। ନର୍ସରି ମଧ୍ୟରେ ଖୋଳାଯାଇଥିବା ପୋଖରୀ ମାର୍ଚ୍ଚ ମାସରେ ଶୁଖିଯାଉଛି। ବନ ବିଭାଗ ପକ୍ଷରୁ ବନାଯୋଡ଼ି ନିକଟ ମାଛକାନ୍ଦଣା ନାଳରୁ ପମ୍ପ ଦ୍ୱାରା ପାଣି ଉଠାଇ ପୋଖରୀରେ ଭର୍ତ୍ତି କରାଯାଉଛି। ମାଛକାନ୍ଦଣା ନାଳ ଉପରେ ସ୍ଥାନୀୟ ଲୋକେ ଏବଂ ଚାଷୀ ନିର୍ଭର କରୁଥିବାରୁ ଅଧିକ ପାଣି ଦେବାକୁ ଗ୍ରାମବାସୀ ଅମଙ୍ଗ ହେଉଛନ୍ତି। ୧୮ ମାସିଆ ଚାରା ଯଥା ଆମ୍ବ, ନିମ୍ବ, ପଣସ, ଜାମୁ, କରଞ୍ଜ, ଶିଶୁ, ତେନ୍ତୁଳି, ଅସନ, ଶାଳ ଆଦି ଚାରାର ଅଗ୍ରଭାଗ ଶୁଖିଯାଉଥିବାରୁ ବନୀକରଣ କରାଗଲେ ଏହି ଗଛ ବଞ୍ଚିବା ନେଇ ଆଶଙ୍କା ଦେଖାଯାଇଛି।

ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି, ଗୋଟିଏ ୧୮ ମାସିଆ ଚାରା ପ୍ରସ୍ତୁତ କରିବାକୁ ବନ ବିଭାଗର ୩୫ରୁ ୪୦ ଟଙ୍କା ଖର୍ଚ୍ଚ ହେଉଛି। ପାଣି ଅଭାବରୁ ଚାରା ନଷ୍ଟ ହେଉଥିବାରୁ ସରକାରଙ୍କ ବ୍ୟାପକ କ୍ଷତି ହେବ। ଫଳରେ ଯେଉଁ ଲକ୍ଷ୍ୟ ରଖି ଚାରା ସୃଷ୍ଟି କରାଯାଉଛି ତାହା ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ନର୍ସରିରେ କାମ କରୁଥିବା ଶ୍ରମିକ ଧନେଶ୍ୱର ମହାନ୍ତ କହିଛନ୍ତି, ମେ, ଜୁନ୍‌ରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜଳସ୍ତର କମିଗଲାଣି। ଆବଶ୍ୟକ ଅନୁଯାୟୀ ବୋର୍‌ୱେଲରେ ପାଣି ଆସୁ ନ ଥିବାରୁ ଜଳ ସମସ୍ୟା ଉତ୍କଟ ହୋଇଛି। ବିକଳ୍ପ ବ୍ୟବସ୍ଥା ଭାବେ ଥିବା ପୋଖରୀ ମଧ୍ୟ ଶୁଖିଯାଇଛି। ଏଣୁ ବର୍ଷା ନ ହେଲେ ସବୁ ଗଛ ଶୁଖି ନଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଏନେଇ ସଦର ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ପାଣି ଦିଆଯାଉଛି। କିନ୍ତୁ ପାଣି ଓ ମାଟି ମଧ୍ୟ ଗରମ ହୋଇଯାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ବର୍ଷା ହେଲେ ସବୁ ଠିକ୍ ହୋଇଯିବ। ଆସନ୍ତା ମାସରେ ହେବାକୁ ଥିବା ବନ ମହୋତ୍ସବରେ ଏହାକୁ ବ୍ୟବହାର କରାଯିବ। ବହୁ ଗଛ ଶୁଖିଯାଉଛି। ତେବେ ଏହା ଉପରେ ନଜର ରଖାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଆଖଣ୍ଡଳମଣି ପୀଠରେ ୧୦୮ ଦୀପ ଜାଳିଲା ଅମଲା ସଂଘ

ଆରଡ଼ି, ୧୬।୬ (ଦୀପ୍ତିରଞ୍ଜନ ନାୟକ)- ଖୁବ୍‌ଶୀଘ୍ର ଦାବି ପୂରଣ ପାଇଁ ଭଦ୍ରକ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଶୁକ୍ରବାର ଆରଡ଼ି ଆଖଣ୍ଡଳମଣି ପୀଠରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି। ମଞ୍ଚର ଅଧକ୍ଷ ଉଦୟ ନାରାୟଣ ପଣ୍ଡା, ଆବାହକ ହେମନ୍ତ କୁମାର ପ୍ରଧାନ, ଅମଲା ସଂଘର ଜିଲା ସଭାପତି ଲଲାଟେନ୍ଦୁ ବେହେରା, ରାଜସ୍ୱ ଅମଲା ସଂଘ ସଭାପତି ରବୀନ୍ଦ୍ରନାଥ ଦତ୍ତ, ଅଜିତ କୁମାର ଦାସ, ଶ୍ରୀରାମ ମହାନ୍ତି, ସଂଘ ଜିଲା ସମ୍ପାଦକ ସରୋଜ କୁମାର ମଲ୍ଲିକ, ତପନ କୁମାର ସ୍ୱାଇଁ, ଲଲାଟେନ୍ଦୁ କେଶରୀ ସାମଲ ପ୍ରମୁଖ ଦୀପ ଜାଳିଥିଲେ। ଅମଲାମାନଙ୍କର ଏକ ମାତ୍ର ଦାବି ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଲେଭଲ-୯ (୯୩୦୦+ ଗ୍ରେଡ୍‌ପେ ୪୨୦୦) ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରିଥିଲେ।

### ଟିକିରା ରଜ ମହୋତ୍ସବ

ଭଦ୍ରକ ଅଫିସ, ୧୬।୬(ସନାତନ ରାଉତ)- ଓଡ଼ିଶାର ଗଣପର୍ବ ରଜ ଆମ ସଂସ୍କୃତି ଓ ପରମ୍ପରାର ପରିଚୟ ବୋଲି ଭଦ୍ରକ ଜିଲା ଆଗରପଡ଼ା ଟିକିରା ଗ୍ରାମର ସାଳନ୍ଦୀ ନଦୀକୂଳ ବରଗଛ ପଡ଼ିଆରେ ଆୟୋଜିତ ଟିକିରା ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ଯୁବନେତା ଛାୟାକାନ୍ତ ନନ୍ଦ, ସୁଧାଂଶୁ ଶେଖର ନାୟକ, ଗୟାଧର ପତି, ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହୋତ୍ସବ ଅବସରରେ ବରଗଛ ପଡ଼ିଆକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ରଜୋବତୀ ଠାକୁରାଣୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ଟିକିରା ଆଇଡିଆଲ କ୍ଲବର ସଦସ୍ୟମାନେ ମହୋତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

### ଗାଡ଼ି ଧକ୍କାରେ ଭାଲୁ ମୃତ

କେନ୍ଦୁଝର,୧୬।୬
( ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର) କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଶୁଆକାଟୀ ବିଟ୍ ଜାମୁଡ଼ିହା ଜାତୀୟ ରାଜପଥ ୪୯ ରେ ଶୁକ୍ରବାର ଗାଡ଼ି ଧକ୍କାରେ ଏକ ଭାଲୁର ମୃତ୍ୟୁ ହୋଇଛି। ମୃତ ଅଣ୍ଡିରା ଭାଲୁର ବୟସ ୮ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଭାଲୁଟି ଏକ ପୋଲ ତଳେ କ୍ଷତାକ୍ତ ହୋଇ ପଡ଼ିଥିବା ବେଳେ ଜାମୁଡ଼ିହା ଗ୍ରାମବାସୀ ଦେହ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଭାଲୁ ମୃତଦେହ ଜବତ କରିଥିଲା। ବାଂଶପାଳ ବ୍ଲକ୍ ଭେଟନାରୀ ଅଫିସର ଡାକ୍ତର ଆଶିଷ କୁମାର ଦାସ, ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ସତ୍ୟବ୍ରତ ରାଉତ ଏବଂ ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ ସଂସ୍ଥାର ଡାକ୍ତର ବ୍ରଜରାଜ ଯାଦବ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଭୂୟାଁ ଜୁଆଙ୍ଗ ରେଞ୍ଜ ପରିସରରେ ପୋତି ଦିଆଯାଇଥିଲା। ଖାଦ୍ୟ ଅନ୍ୱେଷଣ ବା ଜାମୁଡ଼ିହା ଗ୍ରାମରେ ଥିବା ପୋଖରୀକୁ ପାଣି ପିଇବାକୁ ଆସିଥିବାବେଳେ ଗାଡ଼ି ଧକ୍କା ଦେଇଥାଇପାରେ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଜାତୀୟ ରାଜପଥରେ ବନ୍ୟପ୍ରାଣୀ ଯାତାୟାତ କରୁଥିବା ସ୍ଥାନରେ ସୂଚନା ଫଳକ ଥିଲେ ହେଁ ଗାଡ଼ି ଚାଳକ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଅନ୍ୟପକ୍ଷେ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଆବାସସ୍ଥଳୀ ନଷ୍ଟ ହେଉଥିବାରୁ ବନ୍ୟପ୍ରାଣୀଙ୍କ ଗାଁ ମୁହାଁ ହୋଇ ମୃତ୍ୟୁ ମୁଖରେ ପଡ଼ୁଥିବା ପରିବେଶବିତ୍ କହିଛନ୍ତି।

## ପାଣି ପାଇଁ ପମ୍ପ ହାଉସ୍‌ରେ ତାଲା ପକାଇଲେ ଗ୍ରାମବାସୀ

ମୋରଡା,୧୬।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତବାସୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତର ଦୁଇଟି ପାଣି ପମ୍ପ ଥିବା ବେଳେ ଗୋଟିଏ ଖରାପ ହୋଇ ପଡିଛି। ଫଳରେ ଗୋଟିଏ ପମ୍ପରେ ପଞ୍ଚାୟତବାସୀଙ୍କୁ ପାଣି ଯୋଗାଇ ଦିଆଯାଉଥିଲେ ମଧ୍ୟ ଉପରସାହି(୬ ଏବଂ ୭ ନମ୍ବର ୱାର୍ଡ) ଲୋକେ ଆଦୌ ପାଣି ପାଇପାରୁନହାନ୍ତି। ଫଳରେ ସ୍ଥାନୀୟ ଲୋକେ ପୋଖରୀ,ଅନ୍ୟ ଲୋକଙ୍କ କୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଏବାବଦରେ ବାରମ୍ବାର ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ଉତ୍ୟକ୍ତ ଗ୍ରାମବାସୀ ଗୁରୁବାର ପାଣି ପମ୍ପ ହାଉସ୍‌ରେ ତାଲା ପକାଇ ଘେରାଉ କରିଥିଲେ। ତେବେ ଖବର ଲେଖା ସୁଦ୍ଧା ଘଟଣାର କୌଣସି ସମାଧାନ ହୋଇପାରିନାହିଁ ।

# ଆନନ୍ଦପୁର ପୌରାଞ୍ଚଳ ପାଇଁ ୭୬ ପ୍ରକଳ୍ପ ପ୍ରସ୍ତାବ



ଉପସ୍ଥିତ ଜନ ପ୍ରତିନିଧି, ଜନସାଧାରଣ ଓ ଛାତ୍ରୀଛାତ୍ର।

ଆନନ୍ଦପୁର,୧୬।୬(ସନ୍ତୋଷ ରାଉତ)

ବିକାଶ ଧାରାରେ ସାମିଲ ହେବ କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ୫-ଟି ସଚିବଙ୍କ ନିକଟରେ ୫ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୬ ପ୍ରକଳ୍ପର ପ୍ରସ୍ତାବ ରଖାଯାଇଛି। ଏନେଇ ଶୁକ୍ରବାର ପୌରକାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ପୌରଅଧିକାରୀ ପଞ୍ଚାନନ ନାୟକ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ସୁରେନ୍ଦ୍ର ଦାସ, ଲକ୍ଷ୍ମୀଧର ଦେହୁରୀ, ମଣିଲତା ରାମ, ରଶ୍ମିତା ବାରି, ସୁପ୍ରିୟା ମିଶ୍ର, ଉର୍ବସୀ ସାହୁ, ଏସ୍‌ଏଚଜି ଗ୍ରୁପରୁ ମମତାରାଣୀ ଜେନା, ବବିତା ପତି, କବିତା ରାୟ, ସଙ୍ଗୀତା ଦଳେଇ, ଉଷାରାଣୀ ହୋତା, ବରିଷ୍ଠ ନାଗରିକ ରମାକାନ୍ତ ନାୟକ ରାମଚନ୍ଦ୍ର ଜେନା, ଅଶୋକ ସାହୁ, କଲେଜ ଛାତ୍ରୀଛାତ୍ର ଓ ମୁକ୍ତା କର୍ମଚାରୀମାନେ ୫-ଟି ସଚିବଙ୍କ ସହିତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପ ମଧ୍ୟରେ କୋଟିଏ ୩ ଲକ୍ଷ ବ୍ୟୟ ଅଟକଳରେ ୧୨ ଗୋଟି ଶିଶୁ କ୍ରୀଡ଼ା ଉଦ୍ୟାନ, ୧୩ ଲକ୍ଷ ବ୍ୟୟ ଅଟକଳରେ ସହରର ୬ ଗୋଟି ସ୍ଥାନରେ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା, ୪୫ ଲକ୍ଷ ଟଙ୍କା ବ୍ୟୟରେ ୧୫ ଗୋଟି ପରିସ୍ରାଗାର, ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮ ପାର୍କ, କୋଟିଏ ୮୩ ଲକ୍ଷ ଟଙ୍କା ବ୍ୟୟରେ ୨୧ ୱାକିଂ ଟ୍ରାକ୍, ୭୯ ଲକ୍ଷ ଟଙ୍କା ବ୍ୟୟରେ ୧୦ ପବ୍ଲିକ୍ ଜିମ୍, ୫୩ ଲକ୍ଷ ଟଙ୍କା ବ୍ୟୟ ୫ ଭେଣ୍ଡିଂ ଜୋନ୍‌ର ପ୍ରସ୍ତାବ ରହିଛି।

## 'ସ୍ୱରୂପ' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର,୧୬।୬(ଦୀପକ ମିଶ୍ର): 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ହରିଚନ୍ଦନପୁର ବ୍ଲକ୍‌ର ତମ୍ବାହରା ଗ୍ରାମରେ ଗୁରୁବାର ଗ୍ରାମୀଣ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତମ୍ବାହରା ହାଇସ୍କୁଲର ଶିକ୍ଷକ ଲକ୍ଷବଛ ମହାନ୍ତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ, ସାଦ୍ରି, ସାନ୍ତାଳି, ଓଡ଼ିଶୀ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମାଷ୍ଟର ବିଜୟ ପାତ୍ର, ଲୁଲୁ ମହାନ୍ତ, ଚକ୍ରଧର ପାତ୍ର, ଯାଜ୍ଞସେନୀ ମହାନ୍ତ, ଟାଙ୍ଗରବାହାଳିର ଲକ୍ଷ୍ମୀପ୍ରିୟା ସାହୁ, ଶାଳପଶି ଗ୍ରାମର ଗୀତା, ସତ୍ୟଭାମା, ସୁକୁମତୀ ଓ ତାଙ୍କ ଦଳ ଉତ୍କୃଷ୍ଟ ନୃତ୍ୟ ପରିବେଷଣ ପାଇଁ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ମହାନ୍ତ ପରିଚାଳନା କରିଥିଲେ। ବିସ୍କର ମୁଣ୍ଡା, କ୍ଷମାଞ୍ଜଳି ପାତ୍ର, ଶ୍ରୀଧର ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ତରଣୀସେନ ମୁଣ୍ଡା, ଟୁକୁ ମୁଣ୍ଡା ଓ ସତ୍ୟବାନ ମହାନ୍ତ ସହଯୋଗ କରିଥିଲେ। ସଭ୍ୟ ମଦନ ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ କର୍ଦ୍ଦମ ଦିବସ




ଭଦ୍ରକ ସାଳନ୍ଦୀ ପଞ୍ଚମୁଖୀ ହନୁମାନ ଘାଟଠାରେ କର୍ଦ୍ଦମ ଦିବସ ପାଳନ କରାଯାଉଛି।

ଭଦ୍ରକ,୧୬।୬
(ସନାତନ ରାଉତ/ ରବିନାରାୟଣ ଖିଲାର)

ମାଟି, ପାଣି ଓ ପବନର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ 'ବିଶ୍ୱ କର୍ଦ୍ଦମ ଦିବସ'ର ପରିକଳ୍ପନା କରାଯାଇଥିଲା। ଆଧୁନିକ ଜୀବନଶୈଳୀର ଦ୍ୱାହି ଦେଇ ଆମେ ମାଟି, ପାଣି, ପବନକୁ ପ୍ରଦୂଷିତ କରିଆସୁଛନ୍ତି। ଫଳରେ ସମସ୍ତେ ବୈଶ୍ୱିକ ତାପାୟନ ସମସ୍ୟାରେ ପ୍ରପୀଡ଼ିତ। ଜି-୨୦ର ସଭାପତିତ୍ୱ କାଳରେ ଭାରତ ଚିରସ୍ଥାୟୀ ବିକାଶକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ପ୍ରାକୃତିକ ସମ୍ବଳ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଗୁରୁତ୍ୱ ଦେଉଛି। ଏହି ଅବସରରେ ଏହି ଦିବସ ପାଳନ ବିଶ୍ୱ ଦରବାରରେ ଅନନ୍ୟ ଗୁରୁତ୍ୱ ବହନ କରିବ ବୋଲି ଶୁକ୍ରବାର ବିଶ୍ୱ କର୍ଦ୍ଦମ ଦିବସ ପାଳନ ଅବସରରେ ଏହାର ପ୍ରତିଷ୍ଠାତା ତଥା ବିଶିଷ୍ଟ ପରିବେଶବିତ୍, ସାମାଜିକ କର୍ମୀ, ସୁପ୍ରିମକୋର୍ଟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ କହିଛନ୍ତି। ଭଦ୍ରକ ସାଳନ୍ଦୀ ପଞ୍ଚମୁଖୀ ହନୁମାନ ଘାଟଠାରେ ଏହି ଦିବସ ପାଳନ ପରିପ୍ରେକ୍ଷୀରେ ସେ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଦେହରେ କାଦୁଅ ବୋଲି ହୋଇ ଏହାର ଗୁରୁତ୍ୱ ପ୍ରଚାର ପ୍ରସାର କରିଥିଲେ। ସୋମ୍ ଆଶୀର୍ବାଦ ତ୍ରିପାଠୀ, ଶେଖ୍ ଇକ୍ରାମ୍, ସତ୍ୟବାନ ସେଠୀ, ସାମାଜିକ କର୍ମୀ ଜଗନ୍ନାଥ କର, ସୀତାକାନ୍ତ ତ୍ରିପାଠୀ, ଦେବେନ୍ଦ୍ର ପୃଷ୍ଟି, ଶିକ୍ଷାବିତ୍ ସିଦ୍ଧେଶ୍ୱର ସାହୁ, ସନ୍ତୋଷ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଶିମିଳିପାଳ ବୁଲିଛନ୍ତି ୪୨ହଜାର ପର୍ଯ୍ୟଟକ

ବାରିପଦା,୧୬।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ୩୮ଲକ୍ଷ ୮୭ ହଜାର ରାଜସ୍ୱ ଆଦାୟ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପରିଚିତ। ଏହାର ସବୁଜିମା ପର୍ଯ୍ୟଟକମାନଙ୍କୁ ସର୍ବଦା ଆକୃଷ୍ଟ କରିଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦ ପ୍ରମୋଦ ଓ ରହଣି ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ ୪୨ ହଜାର ପର୍ଯ୍ୟଟକ ଶିମିଳିପାଳ ବୁଲିଥିବା ବେଳେ ସେଥିରେ ୪୪ ଜଣ ବିଦେଶୀ ପର୍ଯ୍ୟଟକ ରହିଛନ୍ତି।

ବିଭାଗୀୟ ସୂତ୍ରରୁ ପ୍ରକାଶ, ୨୦୨୨-୨୩ ଆର୍ଥିକ ବର୍ଷରେ ୨୦୨୨ ଅକ୍ଟୋବର ୧ ରୁ ୨୦୨୩ ଜୁନ୍ ୧୫ ପର୍ଯ୍ୟନ୍ତ ୭ ହଜାର ୯୩୩ ଚାରିଚକିଆ ଯାନରେ ମୋଟ ୪୨ ହଜାର ୧୨୬ ପର୍ଯ୍ୟଟକ ଶିମିଳିପଳ ଅଭୟାରଣ୍ୟକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାରୁ ୨୮ ହଜାର ୨୩୧, ରାଜ୍ୟ ବାହାରୁ ୧୩ ହଜାର ୭୧ ଓ ବିଦେଶରୁ ୪୪ ଜଣ ଏବଂ ଅତିଥି ଅଧିକାରୀମାନେ ରହିଛନ୍ତି। ଏ ବାବଦରେ ମୋଟ ୩୮ ଲକ୍ଷ ୮୭ହଜାର ୯୫୫ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ପୂର୍ବ ଆର୍ଥିକ ବର୍ଷ ତଥା ୧ ନଭେମ୍ବର ୨୦୨୧ରୁ ୧୫ ଜୁନ୍ ୨୦୨୨ରେ ମୋଟ ୩୨ ହଜାର ୬୫୩ ଜଣ, ୨୦୨୦-୨୧ରେ ୪୩ ହଜାର ୩୫୮ଜଣ ଓ ୨୦୧୯-୨୦ ବର୍ଷରେ ୨୮ହଜାର ୮୬୦ ପର୍ଯ୍ୟଟକେ ଶିମିଳିପାଳ ବୁଲିଥିଲେ। ଅନ୍ୟ ବର୍ଷ ତୁଳନାରେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନି ପ୍ରକାଶ କରିଛନ୍ତି।

# ବିଜୁଳି କାଟ ପ୍ରତିବାଦରେ ଭାଜପାର ବିକ୍ଷୋଭ



ଭାଜପା ନେତୃବୃନ୍ଦ ଓ କର୍ମକର୍ତ୍ତା।

କୁଳିଅଣା, ୧୬।୬ (ଆଦିକନ୍ଦ ସାହୁ)

ଅସହ୍ୟ ଗରମ ଓ ଗୁଳୁଗୁଳିରେ ରାଜ୍ୟବାସୀ ଯନ୍ତ୍ରଣା ଭୋଗୁଥିବା ବେଳେ ଅଘୋଷିତ ବିଜୁଳି କାଟ କାହିଁକି ଏପରି ନାରା ଦେଇ ମୟୂରଭଞ୍ଜ ଜିଲା କୁଳିଅଣା ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି କାନ୍ଦରା ସୋରେନ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଆଦିବାସୀ ମୋର୍ଚ୍ଚା ଉପସଭାପତି ଫାଗୁ ହାଁସଦା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ଚନ୍ଦ୍ର ବେହେରା, କୁଳିଅଣା ସଭାପତି ସୁଶାନ୍ତ ବାରିକ, ମୋତିଲାଲ ପ୍ରଧାନ, ନିର୍ମଳ ବେହେରା, ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଶତାଧିକ କର୍ମୀ ଏଥିରେ ସାମିଲ ଥିଲେ।

# ହୀରାପୁର ହାଇସ୍କୁଲକୁ ମିଳିଲା ପ୍ରକୃତିମିତ୍ର ପୁରସ୍କାର

ରୂପସା,୧୬।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିବେଶ ସୁରକ୍ଷା ଓ ପ୍ରକୃତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୨୦୨୨-୨୩ ମସିହା ପାଇଁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି।

ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବଳ କୁମାର ବେହେରାଙ୍କୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ ଅବସରରେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।



ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ ଅବସରରେ ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା।

ବିଦ୍ୟାଳୟ ପକ୍ଷରୁ ଦୀର୍ଘଦିନ ଧରି ବିଶ୍ୱ ପରିବେଶ ଦିବସ ପାଳନ, ବନ ମହୋତ୍ସବ ସପ୍ତାହ ପାଳନ, ବିଶ୍ୱ ବନ ଦିବସ ପାଳନ ସହିତ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଓ ପ୍ରକୃତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବରେ ମାର୍ଗଦର୍ଶକ ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀଙ୍କ ନେତୃତ୍ୱରେ ହୀରାପୁର ସରକାରୀ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ବିଶ୍ୱଜିତ ବେହେରା ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ ଶୀର୍ଷକ ପ୍ରକଳ୍ପ ପ୍ରଦର୍ଶନରେ ଅଂଶ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ବେହେରା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ର ସଂସଦର ସଦସ୍ୟମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ରାଇବଣିଆ/ ଜଳେଶ୍ୱର,୧୬।୬
(ନବୀନ ସାହୁ/ରବି ନାରାୟଣ ପାତ୍ର)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଭଦୁଆ ନିକଟରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚମାରଗାଁ ପଞ୍ଚାୟତ ପୁଡ଼ତା ଗ୍ରାମର ରଡ଼ିଆ ମୁର୍ମୁଙ୍କ ପୁଅ ବୁଦ୍ଧିଆ (୩୫)। ସୂଚନା ଅନୁଯାୟୀ, ହାତୀଗଡ଼ ପେଟ୍ରୋଲ ପମ୍ପରୁ ସେ ତେଲ ପକାଇ ଘର ଅଭିମୁଖେ ଆସୁଥିବା ବେଳେ ଭଦୁଆ କେନାଲ ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଖାଲକୁ ଖସି ପଡ଼ିଥିଲା। ଫଳରେ ଟ୍ରାକ୍ଟର ଚକ ତଳେ ସେ ଚାପି ହୋଇ ରହି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଖତ ଖାଉଛି ଜବତ ସାମଗ୍ରୀ

ଲଙ୍ଗଳେଶ୍ୱର,୧୬।୬(କମଳାକାନ୍ତ ଦାସ)

ଲଙ୍ଗଳେଶ୍ୱର ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଲୁହା ଯନ୍ତ୍ରାଂଶ ସମେତ ମୂଲ୍ୟବାନ କାଠ, ପିକଅପ୍ ଭ୍ୟାନ, ଟ୍ରାକ୍ଟର ପ୍ରଭୃତି କୋଟି କୋଟି ଟଙ୍କାର ସମ୍ପତ୍ତି ଖତ ଖାଉଛି। ଅଞ୍ଚଳର ଥିବା ବହୁ କରତକଳ ଗୁଡ଼ିକରେ ଚଢ଼ାଉ ପରେ ଜବତ ହେଉଥିବା ଯନ୍ତ୍ରାଂଶ କାର୍ଯ୍ୟାଳୟ ପରିସରକୁ ଆଣି ରଖାଯାଇଛି। ଏହାବ୍ୟତୀତ ବହୁ ଭୁଟଭୁଟି ଜବତ ହୋଇଥିଲେ ମଧ୍ୟ କିଛି ଦିନ ପଡ଼ି ରହି କୁଆଡ଼େ ଉଭାନ ହୋଇଯାଇଥିବା ଜଣାପଡ଼ିଛି। ବହୁ ପରିମାଣର ମୂଲ୍ୟବାନ କାଠ ବର୍ଷ ବର୍ଷ ଧରି ପଡ଼ି ରହିବା ଯୋଗୁ ଉଇ ଲାଗି ଖତ ହୋଇଗଲାଣି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଓ ବିଭାଗୀୟ ଅଧିକାରୀମାନଙ୍କର ଇଚ୍ଛାଶକ୍ତିର ଅଭାବ ଯୋଗୁ କୋଟି



ଲଙ୍ଗଳେଶ୍ୱର ବନ ବିଭାଗ କାର୍ଯ୍ୟାଳୟ ପରିସରରେ ପଡ଼ି ରହିଥିବା ଜବତ ସାମଗ୍ରୀ।

କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ନିଲାମ ନ ହେବାରୁ ସରକାର ବହୁ ଅର୍ଥ କ୍ଷତି ସହୁଛନ୍ତି। ବିଶେଷ କରି ଏହି କାଠ, ଲୁହା ଯନ୍ତ୍ରାଂଶ ଦୀର୍ଘଦିନ ପଡ଼ି ରହିବା ଫଳରେ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ବନ ବିଭାଗ ଖୁବ୍‌ଶୀଘ୍ର ଏଇ ସମ୍ପତ୍ତିକୁ ନିଲାମ କରିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଚାନ୍ଦିପୁର ବନାଞ୍ଚଳ ଅଧିକାରୀ ଗଣେଶ ପ୍ରସାଦ ଲେଙ୍କାଙ୍କୁ ପଚାରିବାରୁ ବାଲେଶ୍ୱର ବନଖଣ୍ଡ ଅଧିକାରୀ ନିଲାମ ପାଇଁ ଆଦେଶ ଦେଇଛନ୍ତି। କିନ୍ତୁ ଧାର୍ଯ୍ୟ ମୂଲ୍ୟ ସ୍ଥିର ନ ହେବାରୁ ନିଲାମ ହେଇପାରି ନ ଥିବା ସେ କହିଛନ୍ତି।

## ହ୍ୱାଇଁ ଘରକୁ ଭୋଜି ଖାଇବାକୁ ଆସି ଶାଶୁଙ୍କ ମୃତ୍ୟୁ

ଲଙ୍ଗଳେଶ୍ୱର,(କମଳାକାନ୍ତ ଦାସ)- ସିଂଲା ଥାନା ଅନ୍ତର୍ଗତ ଇଡ଼ିଦା ପଞ୍ଚାୟତ ମଛଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୈକାପଙ୍କ ସ୍ତ୍ରୀ ଦେବକୀ ମୈକାପ(୫୨)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ପୂର୍ଣ୍ଣଚନ୍ଦ୍ର ଏବଂ ଦେବକୀ ବାଲିସାହି ସ୍ଥିତ ହ୍ୱାଇଁ ଘରକୁ ଗୃହ ପ୍ରତିଷ୍ଠା ଅବସରରେ ଆସିଥିବା ବେଳେ ହୃଦ୍‌ଘାତର ଶିକାର ହୋଇଥିଲେ।

## ସଂକ୍ଷେପରେ

### କାଳବୈଶାଖୀରେ ଛପର ଉଡ଼ିଲା

ମୋରଡ଼ା,୧୬।୬(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଞ୍ଚଳରେ କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗୁରୁବାର ସନ୍ଧ୍ୟାରେ ହୋଇଥିବା ପ୍ରବଳ ଝଡ଼ତୋଫାନରେ ବ୍ଲକ୍‌ର ମୋରଡ଼ା ଗ୍ରାମର ଝଝା ସେଠୀଙ୍କ ଘର ଆଜବେଷ୍ଟସ ଉଡ଼ିଯାଇଛି। ଫଳରେ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଘର ମାଲିକ କହିଛନ୍ତି। ସେହିପରି ମୋରଡ଼ା ବଜାରରେ ଥିବା ପୂର୍ତ୍ତବିଭାଗ ଅଫିସ ସମ୍ମୁଖରେ ଏକ ବାଉଁଶ ଝାଡ଼ ପ୍ରବଳ ପବନ ଯୋଗୁ ଉପୁଡି ଯାଇଛି। ଫଳରେ ମୋରଡ଼ା-ବରକନ୍ଦ ମୁଖ୍ୟ ରାସ୍ତା ବନ୍ଦ ହୋଇପଡ଼ିଛି। ସେହିପରି ବ୍ଲକ୍‌ର ଚିତ୍ରଡ଼ା ପଞ୍ଚାୟତର କଲଣିସାହିର ଟୁକୁନୁ ସିଂଙ୍କ ଘର ଭାଙ୍ଗିଯାଇଛି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

### 'ଗ୍ରାମାଞ୍ଚଳରେ ରଜର ମହକ ନିଆରା'

ମୋରଡ଼ା,୧୬।୬(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକରେ ଦୁଇଦିନିଆ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାଣିମହୁଲି ପଞ୍ଚାୟତ ବେଗୁନାଡିହା ଗ୍ରାମର ଚକାଡୋଲା ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନ ସପ୍ତମ ବାର୍ଷିକ ରଜ ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସକର ମହାପାତ୍ର ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ରଜ ଉତ୍ସବର ମହକ ଆଜି ମଧ୍ୟ ନିଆରା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ କାଳିଚରଣ ବେଶ୍ରା, କୃଷ୍ଣଚନ୍ଦ୍ର ମାର୍ଣ୍ଡି, ହରିହର ଧଳ, ଖଗେଶ୍ୱର ନାୟକ, ବୈଦ୍ୟନାଥ ସିଂ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଭାପତି ସଭାକର ମୁଖୀ ଏଥିରେ ସଭାପତିତ୍ୱ କରିଥିଲେ। ଦୁଇଦିନ ଧରି ଛଉ ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରମାନେ ଦାର୍ଜିଲିଂ, ଝାଡ଼ଖଣ୍ଡ, ଗୋପାଳପୁର ମହୋତ୍ସବ, ଟିଟିଲାଗଡ଼ ମହୋତ୍ସବ, ମୁମ୍ବାଇର ତାଜ୍ ଥିଏଟରରେ ଜାତୀୟସ୍ତରୀୟ ଛଉ ନୃତ୍ୟ ପ୍ରତିଯୋଗିତାରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଥିବା ନେଇ ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା।

# ହାତୀ ଚଲାପଥରେ ପାଇପ

କେନ୍ଦୁଝର,୧୬।୬(ନରେଶ ପଟ୍ଟନାୟକ)

କେନ୍ଦୁଝର ଜିଲାରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ବୁଲୁଛନ୍ତି। ହାତୀ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟାତ ବେଳେ ପ୍ରଶସ୍ତ ରାସ୍ତାଘାଟ ପାରହୋଇଯିବାକୁ ପଡୁଛି। ବିଶେଷ କରି ଜିଲାର ଏନ୍ଏଚ୍ ୨୦, ୪୯, ୫୨୦ ପାର ବେଳେ ଗାଡ଼ି, ବେଆଇନ ପାର୍କିଂ, ରାସ୍ତା କଡ଼ରେ ଖାଲଖମା ହାତୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବର୍ତ୍ତମାନ କମ୍ପାନୀରୁ ଲୁହାପଥର ପରିବହନ ପାଇଁ ସ୍ଲରି ପାଇପ୍ ବିଛା କାମ ଚାଲିଥିବା ବେଳେ ହାତୀ ଚଲାପଥରେ ପାଇପ୍‌କୁ ବର୍ଷ ବର୍ଷ ଧରି ପକାଇ ରଖାଯାଇଛି। ବନ ବିଭାଗ ପ୍ରତିକାର କରିବା ପାଇଁ ରାସ୍ତାକଡ଼ରେ ସଚେତନତା ହୋର୍ଡିଂ ମାରି ଦାୟିତ୍ୱ ସାରି ଦେଉଛି।



ଜାତୀୟ ରାଜପଥ କଡ଼ରେ ପାଇପ୍ ପଡ଼ିଛି।

କେନ୍ଦୁଝର ସହରରୁ ଘଟଗାଁ ଯିବା ବାଟରେ ରାସ୍ତାକଡ଼ରେ ଲୁହାପଥର ପରିବହନ ପାଇଁ ସ୍ଲରି ପାଇପ ବିଛା କାମ ଚାଲିଛି। ଦୀର୍ଘ ପ୍ରାୟ ୧ ବର୍ଷ ହେଲା ରାସ୍ତାକଡ଼ରେ ଜଙ୍ଗଲରେ ପାଇପ ବିଛାଇବା ପାଇଁ ଖନନ ଓ ପାଇପ ବିଛା ଚାଲିଥିବାରୁ ହାତୀ ଚଲାପଥ ପ୍ରଭାବିତ ହେଉଛି। କାମ କରୁଥିବା ସଂସ୍ଥା କାମ ବନ୍ଦ କରି ପାଇପଗୁଡ଼ିକୁ ପକାଇ ଛାଡ଼ି ଯାଇଥିବାରୁ ହାତୀ ଯାତାୟାତ

### ଠିକ୍ ଭାବେ ପୋତାଯାଉନି ଖାଲ

କରିପାରୁନାହାନ୍ତି। ସେହିପରି ଅନେକ ସ୍ଥାନରେ ଖାଲ ଗୁଡ଼ିକୁ ଠିକ୍ ଭାବରେ ପୋତାଯାଇନାହିଁ। ଫଳରେ ଖୋଳାଯାଇଥିବା ଖାଲ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ବିପଦର କାରଣ ହେଉଛି। ଏହି ରାସ୍ତାରେ ବନ ବିଭାଗ ତଥା ପ୍ରଶାସନିକ ବଡ଼ବାବୁମାନେ ଯାତାୟାତ କରୁଥିଲେ ହେଁ କାହାର ନଜର ପଡୁନାହିଁ। ଏ ନେଇ ସଦର ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, କାମ କରୁଥିବା ସଂସ୍ଥାକୁ ହାତୀ ଚଳପ୍ରଚଳ ଅଞ୍ଚଳରେ ପାଇପ ପକାଇ ନ ରଖିବା, ଖାଲଖମା ପୋତିବା ପାଇଁ କୁହାଯାଇଛି।

## ସାହସିକତା ପାଇଁ ୧୦୦ ମହିଳା, ଯୁବକଙ୍କୁ ସମ୍ବର୍ଦ୍ଧନା


ଜଣେ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାହାନଗା,୧୬।୬(ଅରୂପ୍ କୁମାର ଦାସ)

### ବାହାନଗା ରେଳ ଦୁର୍ଘଟଣା
### ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରଦ୍ଧାଞ୍ଜଳି ସଭା

ରେଳ ଦୁର୍ଘଟଣାର ୧୫ ଦିନ ପରେ ବାହାନଗା ରେଳ ଷ୍ଟେଶନ ପୂର୍ବ ପାର୍ଶ୍ୱରେ ଥିବା ଦମକଳ ଅଫିସ୍ ପଡ଼ିଆରେ ଜିଲା ବ୍ରାହ୍ମଣ ସମିତି ପକ୍ଷରୁ ଦିବଂଗତ ଆତ୍ମାଙ୍କ ଶାନ୍ତି କାମନା ସହିତ ଆହତ ବ୍ୟକ୍ତିମାନଙ୍କ ଅଶୁ ଆରୋଗ୍ୟ କାମନା ପୂର୍ବକ ବିଶ୍ୱଶାନ୍ତି ମହାଯଜ୍ଞ , ବିଷ୍ଣୁ ମହାଯଜ୍ଞ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରେଳ ଦୁର୍ଘଟଣାରେ ମୃତ ଓ ଆହତମାନଙ୍କୁ ଉଦ୍ଧାର କରିଥିବା ୧୦୦ଜଣ ମହିଳା ଓ ଯୁବକଙ୍କୁ ସାହସିକତା ଲାଗି ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ ବ୍ରାହ୍ମଣ ସମିତିର ସଭାପତି ଡା.ସୁକୁମାର ଦାଶ। ମଞ୍ଚ ସଂଯୋଜନା କରିଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର। ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା, ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଯୋଗ ଦେଇଥିଲେ। ଗିରିଶ୍ ଚନ୍ଦ୍ର ଦାଶ, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଯଦୁନାଥ ମିଶ୍ର, ସମିତିର ସମ୍ପାଦକ ପଣ୍ଡିତ ଗୌରଚନ୍ଦ୍ର ଦାସ, ବ୍ରାହ୍ମଣ ସମିତିର ସଭ୍ୟ କ୍ଷିତେଶ୍ୱର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ନିୟମିତ ଦାବି କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ବାରିପଦା,୧୬।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସର ସମସ୍ତ କର୍ମଚାରୀଙ୍କୁ ନିୟମିତ କରିବାକୁ ଦାବି ହୋଇଛି। ଏ ନେଇ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ନିୟମିତ କରିବା ସହ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା, ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିଙ୍କୁ ୩୦ହଜାର, ପାଇଲଟକୁ ୨୫ ହଜାର, ଆଟେଣ୍ଡାଣ୍ଟକୁ ୨୦ହଜାର, ଆଡଭାନ୍ସ ଲାଇଫ ସପର୍ଟ ଇଏମଟିଙ୍କୁ ୩୫ ହଜାର, ବାର୍ଷିକ ଦରମା ବୃଦ୍ଧି ନିଶ୍ଚିତ, କାର୍ଯ୍ୟରତ କର୍ମଚାରୀ ଆକ୍ରମଣର ଶିକାର ହେଲେ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ, କୌଣସି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସଂଘ ସହ ଆଲୋଚନା, ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ କର୍ମଚାରୀଙ୍କ ପାଇଁ ରହିବା ଓ ଶୌଚାଳୟ ବ୍ୟବସ୍ଥା, ଆକସ୍ମିକ ମୃତ୍ୟୁରେ ପରିବାର ଲୋକଙ୍କୁ ୨୦ଲକ୍ଷ ଓ ଅକର୍ମଣ୍ୟଙ୍କୁ ୧୦ଲକ୍ଷ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ସୋନାଲି


@ମାନସ


@ଅନୀଲ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ନାଚ ଗୀତରେ ଦୁଲୁକିଲା ମଞ୍ଚ

ଢେଙ୍କିକୋଟ୍,୧୬।୬(ନୀଳମଣି ମଣ୍ଡଳ)

### ଟିଂକିରା ରଜ ମହୋତ୍ସବ

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପଞ୍ଚାୟତ ଟିଂକିରା ତଳସାହିରେ ଅନୁଷ୍ଠିତ ରଜ ମହୋତ୍ସବ ତୃତୀୟ ଦିନରେ ନାଚ ଗୀତରେ ମଞ୍ଚ ଦୁଲୁକିଥିଲା। ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟ ବକ୍ତାଭାବେ ଘଟଗାଁ ବ୍ଲକ୍ ବିଜୁ ଜନତା ଦଳ ସଭାପତି ଦୋଳଗୋବିନ୍ଦ ବେହେରା, ସମ୍ମାନିୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟା ତଥା ଜିଲା ମହିଳା ବିଜୁ ଜନତା ଦଳ ସାଧାରଣ ସମ୍ପାଦିକା ସୁମିତ୍ରା ମହାନ୍ତ, ସରପଞ୍ଚ ଖଇର ନାଏକ, ସମାଜସେବୀ ଅଜିତ ପାଢ଼ୀ, ବିକ୍ରମ କେଶରୀ ଜେନା, କୃଷ୍ଣଚନ୍ଦ୍ର ବାରିକ, ସାନ୍ତରାପୁର ସଂଖ୍ୟା ଲଘୁ ସେଲର ପୂର୍ବତନ ସର୍ଦ୍ଦାର ସେକ୍ ତାହିର ଯୋଗଦେଇ ରଜ ମହୋତ୍ସବ ଏକ ଭାଇଚାରାର ପର୍ବ। ରଜରେ ସମସ୍ତେ ଏକାଠି ହୋଇ ପିଠା ପଣା ଖାଇ ନିଜ ନିଜ ମଧ୍ୟରେ ଭଲମନ୍ଦ ଆଲୋଚନା କରିବା। ଘରର ମାଆ ଭଉଣୀ ମହିଳାମାନେ ଦୋଳି ଖେଳିବା, ତାସ ଖେଳିବା, ଲୁଡୁ ଖେଳିବା, ଏବେ କୁନି କୁନି ଝିଅ ମାନେ ମଞ୍ଚରେ ରେକର୍ଡ ଡ୍ୟାନ୍ସ କରି ନିଜର କଳା ପ୍ରଦର୍ଶନ କରୁଛନ୍ତି ବୋଲି ମୁଖ୍ୟ ଅତିଥି ଅଭିଭାଷଣରେ ପ୍ରକାଶ କରିଥିଲେ।

## ସାହାପୁରରେ ଖୋଲିଲା ପ୍ରାଥମିକ କୃଷି ସମବାୟ ସମିତି

ତିହିଡ଼ି,୧୬।୬(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସାହାପୁର ପଞ୍ଚାୟତରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ନୂତନ ସମିତି ଦ୍ୱାରା ଚାଷୀମାନେ ବିଶେଷ ଭାବେ ଉପକୃତ ହେବେ ବୋଲି କହିଥିଲେ। ପୂର୍ବତନ ସରପଞ୍ଚ ବଳଭଦ୍ର ମାଠଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର


ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

ସମବାୟ ସମିତି ସଭାପତି ଗଣେଶ ପ୍ରସାଦ ମହାପାତ୍ର, ପରିଚାଳନା ପରିଷଦ ସଦସ୍ୟ ଯୋଗେନ୍ଦ୍ର ଘଡ଼ାଇ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ସହକାରୀ ଉପନିବନ୍ଧକ ସତ୍ୟପ୍ରକାଶ ସେଠୀ, ସମିତି ଭାରପ୍ରାପ୍ତ ସମ୍ପାଦିକା ପ୍ରିୟଦର୍ଶିନୀ ସାହୁ ଓ ସଭାପତି ଗୌରୀରାଣୀ କବି ଯୋଗ ଦେଇଥିଲେ। ସୁଧାଂଶୁ ଡାଙ୍ଗୁଆ, ପ୍ରହ୍ଲାଦ ମହାକୁଡ଼, ଦେବେନ୍ଦ୍ର ମହାକୁଡ଼, ଶଶିକାନ୍ତ କବି, ପ୍ରମୋଦ ଡାଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜ୍ଞାନରେ ଦେବଯାନୀ, କଳାରେ ଶାଶ୍ୱତୀ ଓ ବାଣିଜ୍ୟରେ ମୋହିତ ଟପ୍ପର

ବାରିପଦା,୧୬।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଏମ୍‌ଏସ୍‌ଭି ବିଶ୍ୱବିଦ୍ୟାଳୟ +୩ ପରୀକ୍ଷା ଫଳ

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର +୩ ଫାଇନାଲ ସେମିଷ୍ଟାର(ସିବିସିଏସ) ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ସାମଗ୍ରୀକ ଭାବରେ ମୋଟ ଶତକଡ଼ା ୭୯.୪୧ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଚଳତ ବର୍ଷ ଛାତ୍ରୀମାନେ ଛାତ୍ରଙ୍କୁ ପଛରେ ପକାଇଛନ୍ତି। ଛାତ୍ରୀଛାତ୍ରମାନେ ପରୀକ୍ଷା ଫଳ ୧୭ ତାରିଖ ଶନିବାର ଅପରାହ୍ନ ୧ଘଟିକା ପରଠାରୁ (www.orisha.nic.in)ରୁ ଡାଉନଲୋଡ୍ କରିପାରିବେ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରେସ୍ ବିବୃତ୍ତି ଜରିଆରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ମୋଟ ୮୫ଟି ମହାବିଦ୍ୟାଳୟର ମୋଟ ୧୨ ହଜାର ୪୪୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ କଳାରେ ଶତକଡ଼ା ୮୧.୫୫, ବିଜ୍ଞାନରେ ଶତକଡ଼ା ୭୯.୨୯ ଏବଂ ବାଣିଜ୍ୟରେ ଶତକଡ଼ା ୫୨.୪୬ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ରାଇରଙ୍ଗପୁର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଛାତ୍ରୀ ଦେବଯାନୀ ଗିରି ୧୩୪୦ ନମ୍ବର, କଳାରେ କେନ୍ଦୁଝର ଜିଲା ସାଇଁକୂଳ ପତିତପାବନ ମହାବିଦ୍ୟାଳୟର ଏଜୁକେସନ ଛାତ୍ରୀ ଶୁଭ୍ର ଶାଶ୍ୱତୀ ସାହୁ ୧୩୦୭ ନମ୍ବର ଓ ବାଣିଜ୍ୟରେ ରାଇରଙ୍ଗପୁର ମହାବିଦ୍ୟାଳୟର ମୋହିତ ଅଗ୍ରୱାଲ ୧୧୫୩ ନମ୍ବର ରଖି ବିଭାଗରେ ଟପ୍ପର ହୋଇଛନ୍ତି। କଳାରେ ୮ହଜାର ୪୭୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬ ହଜାର ୭୮୭ କୃତକାର୍ଯ୍ୟ ହୋଇଛନ୍ତି। ୪୮୧୨ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୮୫୭ ଜଣ ପ୍ରଥମ ଶ୍ରେଣୀରେ, ୩୯୨ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୨୭୧ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୨୬୩ ଓ ଜେନେରୋଲ ଡିଷ୍ଟିଙ୍ଗସନରେ ୧୯୨ କୃତକାର୍ଯ୍ୟ ହୋଇଛନ୍ତି। ୧୫୩୫ ଫେଲ ହୋଇଥିବା ବେଳେ ୧୩୯ ଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୧୬ କପି କରି ଧରାପଡ଼ିଛନ୍ତି। ବିଜ୍ଞାନରେ ୩ ହଜାର ୩ ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ହଜାର ୫୭୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨୦୪୭ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୪୦୮ ପ୍ରଥମ ଶ୍ରେଣୀରେ ଓ ୬ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ପାଇଥିବା ବେଳେ ୬ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୫୩ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୫୪ କୃତକାର୍ଯ୍ୟ ହୋଇଥିବା ବେଳେ ୬୭୨ ଫେଲ ହୋଇଛନ୍ତି। ୪୬ ଜଣଙ୍କର ପରୀକ୍ଷା ଫଳାଫଳ ସ୍ଥଗିତ ରହିଛି ଓ ୮ଜଣ କପି କରି ଧରାପଡ଼ିଛନ୍ତି। ବାଣିଜ୍ୟରେ ୬୬୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୪୦ କୃତକାର୍ଯ୍ୟ ହୋଇଛନ୍ତି। ୧୯୬ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୭୧ ପ୍ରଥମ ଶ୍ରେଣୀରେ ଓ ୩୦ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ଓ ୧୪ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୯ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୨୦ କୃତକାର୍ଯ୍ୟ ହୋଇଛନ୍ତି। ୩୦୮ ଫେଲ ହୋଇଥିବା ବେଳେ ୧୪ ଜଣଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୨ଜଣ କପି କରି ଧରାପଡ଼ିଛନ୍ତି।

## 'ସମ୍ପର୍କ ସୁଦୃଢ଼ କରେ ମହୋତ୍ସବ'

ବାସୁଦେବପୁର,୧୬।୬ (ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆ ସାହି ପଡ଼ିଆରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ରଜ ପର୍ବ ଓଡ଼ିଶାର ଏକ ଗଣପର୍ବରେ ପରିଣତ ହୋଇଛି। ମହୋତ୍ସବ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ସହ ସମନ୍ୱୟ ରକ୍ଷା କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏଆଇସିସି ସଦସ୍ୟ ତଥା ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ଗୋପବନ୍ଧୁ ଯୁବ ପରିଷଦର ସଭାପତି ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ସାହୁ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ରଞ୍ଜନ ନାୟକ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ଛାତ୍ରୀ ଶୁଭଲକ୍ଷ୍ମୀ ବେହେରାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ଯୁବ ପରିଷଦର ସଦସ୍ୟ ଓ ଗ୍ରାମବାସୀ ଏହି ମଞ୍ଚରେ ନାଟକ 'ଆଖି ଲୁହକୁ ମୁଁ କରିଛି ସାଥି' ପରିବେଷଣ କରିଥିଲେ। ସେହିପରି ୨ୟ ଓ ୩ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ରଜ ମହୋତ୍ସବରେ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ଶୁଭଲକ୍ଷ୍ମୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମନମୋହିଲା ମନ ମତାଣିଆ ସଙ୍ଗୀତ


ପଞ୍ଚାୟତର ଶିକ୍ଷକମାନଙ୍କ ସହ ଅତିଥିମାନେ।

ଖଇରା,୧୬।୬(ଉତ୍କଳବନ୍ଧୁ ପଣ୍ଡା)

### ରାଇକୁଳା ମହୋତ୍ସବ

ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ଅଧୀନ ରାଇକୁଳାଠାରେ ଚାଲିଥିବା ରଜ ମହୋତ୍ସବର ଦ୍ୱିତୀୟ ଦିବସ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ମନମତାଣିଆ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୫ନଂ. ଜୋନ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିମୁଳିଆ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ ମୁଖ୍ୟ ଅତିଥି, ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଯୁବନେତା ଗୌତମ ରାଉତ, ହ୍ୟୁମାନ କେୟାର ଫାଉଣ୍ଡେସନର ସଭାପତି ମଣିଭଦ୍ର ସାହୁ, ଏଏନ୍ଏମ୍ ସଞ୍ଜୁଲତା ଦାସ, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପଣ୍ଡା, କମିଟି ସଭାପତି ଲକ୍ଷ୍ମଣ ନାୟକ, ଘନଶ୍ୟାମ ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଖବରଦାତା ତପୋଧନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଏସ ଜିତୁ,ସୌଜନ୍ୟା ରଥ, ପ୍ରତାପଙ୍କ ସୁମଧୁର ତଥା ମନମତାଣିଆ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଅତିଥି ତଥା ପଞ୍ଚାୟତରୁ ଶିକ୍ଷକତା କରଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସୁଷମା ମହାପାତ୍ର,ଗୌରାଙ୍ଗ ପାଢୀ, ସମ୍ପାଦକ ମୃତ୍ୟୁଞ୍ଜୟ ଶଙ୍ଖୁଆ, ରବୀନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଖବରଦାତା ସଞ୍ଜୟ ବେହେରା, ସୋରର ଆଦର୍ଶ ଯୁବ ପରିଷଦ ତଥା ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଲରେ ଚାଷୀଙ୍କ ମୃତ୍ୟୁ

ଜଳେଶ୍ୱର,(ରବି ନାରାୟଣ ପାତ୍ର): ରାଇବଣିଆ ଥାନା ଅନ୍ତର୍ଗତ କନକାଇ ଚାପଲା ଗାଁର ସୁଦର୍ଶନ ସାମଲଙ୍କ ପୁଅ କାହ୍ନୁ(୩୭) ଗୁରୁବାର ଅପରାହ୍ନରେ ଧନତଳି ଜଗିବାକୁ ବିଲକୁ ଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ବଜ୍ରପାତ ହୋଇଥିଲା। ତେବେ ରାତି ୭ଟା ସୁଦ୍ଧା ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ତେବେ ବିଲରେ କାହ୍ନୁ ମରି ପଡ଼ିଥିବା ଦେଖି ତାଙ୍କୁ ନେଇ ଆସିଥିଲେ। କାହ୍ନୁଙ୍କ ଦେହର ବିଭିନ୍ନ ସ୍ଥାନରେ ପୋଡ଼ା ଚିହ୍ନ ଥିବାରୁ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



## ସଂକ୍ଷେପରେ

### ମାଟି ମା'କୁ କୃତଜ୍ଞତା ଜଣାଇବାର ପର୍ବ

ଧାମନଗର,୧୬।୬ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)- ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖପରପଦା ପଞ୍ଚାୟତ ସରପୁରଠାରେ ତୃତୀୟ ବାର୍ଷିକ ଆମ ଗାଁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଓଡ଼ିଆ ଜାତିର ଗୌରବମୟ ପରମ୍ପରା ମଧ୍ୟରୁ ଅନେକ ଗୁରୁତ୍ୱ ରଖୁଥିବା ରଜ ମାଟି ମା'କୁ କୃତଜ୍ଞତା ଜଣାଇବାର ପର୍ବ ବୋଲି କହିଥିଲେ। ଧାମନଗର ପ୍ରେସ୍ କ୍ଲବର ସଭାପତି ଖବରଦାତା ବୈକୁଣ୍ଠ ନାଥ ସାହୁଙ୍କ ପୌରୋହିତ୍ୟରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଆମ କଲମର ସମ୍ପାଦକ ନ୍ୟାୟସାଥୀ ସାରଥୀ ପଣ୍ଡା, ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୟାଧର ନାୟକ, ପୂର୍ବତନ ସମିତିସଭ୍ୟ ବୁଦ୍ଧଦେବ ଜେନା, ଯୁବନେତା ଶ୍ରୀକାନ୍ତ କୁମାର ନାୟକ ଓ ସାମାଜିକ କର୍ମୀ ବେଦବ୍ୟାସ ଜେନା ଯୋଗ ଦେଇଥିଲେ। ସମ୍ପାଦକ ଦୀପକ ସାହୁ ମଞ୍ଚ ଆହ୍ୱାନ, କଳାକାର କାଳନ୍ଦୀ ମଲ୍ଲିକ ଅତିଥି ପରିଚୟ ଓ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଥମ ରଜରେ ଶତାଧିକ ମହିଳା ପ୍ରତିଯୋଗୀଙ୍କୁ ନେଇ ପାରମ୍ପରିକ ଝୋଟି, ମୁରୁଜ, ମେହେନ୍ଦୀ ମ୍ୟୁଜିକ ଚେୟାର, ପିଠା, ପାନଭଙ୍ଗା ସହ ଦୋଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରେମାନନ୍ଦ ସୂତାର, ଦିବାକର ସାହୁ, ଲିପନ ସୂତାର, ଚନ୍ଦନ ସାହୁ, ଅଜିତ ପାଣିଗ୍ରାହୀ, ସତ୍ୟଜିତ ସାହୁ, ରଞ୍ଜିତ ପତି, ଗୋପାଳ ସାହୁ, ମନୋଜ ସାହୁ, ଜ୍ୟୋତି ରଞ୍ଜନ ସାହୁ, ରଶ୍ମିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ ପ୍ରଫେସର ଜିତେନ୍ଦ୍ରନାଥ ପ୍ରଧାନଙ୍କ ପରଲୋକ

ଜଳେଶ୍ୱର,୧୬।୬(ରବି ନାରାୟଣ ପାତ୍ର): ଉତ୍ତର ବାଲେଶ୍ୱରର ବିଭିନ୍ନ କଲେଜରେ



ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିବା ପୂର୍ବତନ ପ୍ରଫେସର ଜିତେନ୍ଦ୍ର ନାଥ ପ୍ରଧାନ(୮୭)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ଜଳେଶ୍ୱର, ଭୋଗରାଇର ବହୁ ଅନୁଷ୍ଠାନ ସହିତ ସେ ଜଡିତ ଥିବା ବେଳେ ଜଣେ ଶିକ୍ଷାପ୍ରେମୀ, ଛାତ୍ରବତ୍ସଳ, କର୍ତ୍ତବ୍ୟ ପରାୟଣ, ପରୋପକାରୀ ବ୍ୟକ୍ତିଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ସୁଦର୍ଶନ ଦାସ, ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ସାହୁ, ରମାକାନ୍ତ ଭଞ୍ଜ, ପ୍ରଫୁଲ୍ଲ କୁମାର ପାଠୀ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

### 'ମାଟି ମା'ର ସ୍ୱାଭିମାନ ପାଇଁ ସାଲିସ ବିହୀନ ଲଢ଼େଇ ଆବଶ୍ୟକ'

ବାଲିଆପାଳ/ ଲଙ୍ଗଳେଶ୍ୱର, ୧୬।୬(ଗୋପାଳ ଚନ୍ଦ୍ର ସାହୁ/କମଳାକାନ୍ତ ଦାସ)- ବାଲେଶ୍ୱର ଜିଲା ବାଲିଆପାଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ଶୁକ୍ରବାର ସ୍ୱାଭିମାନ ସମାବେଶ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପୁତ୍ର ତଥା ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚର ସଭାପତି ସତ୍ୟକାମ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଦୈନିକ ଓଡ଼ିଆ ଖବର କାଗଜର ସମ୍ପାଦକ ଶୁଭେନ୍ଦୁ ଦାସ, ବରିଷ୍ଠ ଗଣିତ ଅଧାପକ ତଥା ସୁସାହିତ୍ୟିକ ଡ. ସୁକାନ୍ତ ଗିରି, ଅବସରପ୍ରାପ୍ତ ବରିଷ୍ଠ ଅଧାପକ କୁଞ୍ଜକାନ୍ତ ପାତ୍ର, ଯୁବ ନେତା ବିକ୍ରମ ପଣ୍ଡା ଓ ବାଲିଆପାଳ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଯୋଗଦେଇ ବାଲିଆପାଳ ମାଟି ମାଆର ସ୍ୱାଭିମାନ ପାଇଁ ସାଲିସ ବିହୀନ ଲଢ଼େଇର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ସମାବେଶରେ ବସ୍ତା ନିର୍ବାଚନମଣ୍ଡଳୀର ଖବରଦାତା, ବାଲିଆପାଳ ଅଞ୍ଚଳର ଯୁବ ନେତୃମଣ୍ଡଳୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସମେତ ବହୁ ଯୁବକ ଅଂଶଗ୍ରହଣ କରିଥିଲେ। ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା ବିକ୍ରମ ଦେ, ଗୋବିନ୍ଦ ଦେବାଶିଷ ପାତ୍ର, ରିଙ୍କୁ ରଞ୍ଜନ, ପ୍ରଦୀପ ଜେନା, ଅନୁଜ ଜେନା, ଗୌତମ ପରିଡ଼ା, ବାପି ସିଂ, କୁମାରକୃଷ୍ଣ ଦାସ, ଅରୁଣ ମହାନ୍ତି, ରାଧାକୃଷ୍ଣ ଦାସ ମହାପାତ୍ରଙ୍କ ସହିତ ସଙ୍ଘର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# କଙ୍ଗାରୁକୋର୍ଟ: ମହିଳା, ଯୁବକଙ୍କୁ ବାନ୍ଧି ମାଡ଼

- ଭିଡିଓ ଭାଇରାଲ
- ୩ଦିନ ପରେ ବି ହାତବାନ୍ଧି ବସିଛି ପୋଲିସ

ବାରିପଦା,୧୬।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଭୁଆଷୁଣୀ ପଞ୍ଚାୟତ ରାୟାଁ ଗ୍ରାମରେ କଙ୍ଗାରୁ କୋର୍ଟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଜଣେ ଯୁବକଙ୍କୁ ଉଲଗ୍ନ କରି ହାତଗୋଡ଼କୁ ଦଉଡ଼ି ସାହାଯ୍ୟରେ ଗଛରେ ବାନ୍ଧି ମାଡ଼ ମରାଯାଇଛି। ତାଙ୍କ ସହ ସମ୍ପର୍କ ରଖିଥିବା ମହିଳାଙ୍କୁ ମଧ ଦଉଡ଼ିରେ ବାନ୍ଧି ମାଡ଼ ମରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓ ନଜରକୁ ଆସିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଗ୍ରାମସଭାରେ କୌଣସି ନିଷ୍ପତ୍ତି ହୋଇ ନ ଥିବାରୁ ହାତବାନ୍ଧି ବସିଛି।

ଘଟଣାରୁ ପ୍ରକାଶ ଯେ, ଶ୍ୟାମସୁନ୍ଦର ପଞ୍ଚାୟତ ନୂଆଗାଁର ଯୁବକ ଜଣକ ରାୟାଁଠାରେ ଏକ ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ।



ଯୁବକ ଓ ମହିଳାଙ୍କୁ ବାନ୍ଧି ଖଟରେ ବସାଯାଇଛି।

ଏହାମଧରେ ସ୍ଥାନୀୟ ଅଞ୍ଚଳର ଉକ୍ତ ମହିଳାଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ଗତ ବୁଧବାର ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବା ଜାଣି ସେ ତାଙ୍କୁ ଘରକୁ ଆସିଥିଲେ। ଗ୍ରାମର ଲୋକେ ଜାଣିବା ପରେ ସେମାନେ ଘରେ ପଶି ଉଭୟଙ୍କୁ ଅସଂଯତ ଅବସ୍ଥାରେ ଦେଖିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଲୋକେ ଯୁବକଙ୍କୁ ଉଲଗ୍ନ ଅବସ୍ଥାରେ ବାନ୍ଧି ଗାଳିଗୁଲଜ କରିବା ସହ ମାଡ଼ ମାରି ଚାଲିଥିଲେ। ପରେ ଉଭୟଙ୍କୁ ଦଉଡ଼ିରେ ବାନ୍ଧି ମାଡ଼ ମାରିବା ସହ ଏକ ଖଟରେ ବସାଇଥିଲେ। ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାରୁ ପ୍ରଜା କୋର୍ଟରେ କୌଣସି ବିଚାର ହୋଇପାରି ନାହିଁ। ଏହାର ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ପୋଲିସ ଜାଣିବାକୁ ପାଇଥିଲା। ତେବେ ଏହି ଘଟଣା ତିନିଦିନ ବିତିଯାଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାରୁ ଉତ୍ତେଜନା ଜାରି ରହିଛି। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ କୌଣସି ଅଧିକାରୀ ମୁହଁ ଖୋଲୁ ନାହାନ୍ତି। ତେବେ ପୋଲିସ ନିଜ ଆଡୁ କାହିଁକି ମାମଲା ରୁଜୁ କରୁନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜନୈତିକ ଚାପ ନା ଉତ୍ୟକ୍ତ ଲୋକଙ୍କ ଭୟରେ ପୋଲିସ ନୀରବତା ଅବଲମ୍ବନ କରିଛି, ତାହା ତଦନ୍ତ ସାପେକ୍ଷ ବୋଲି ଆଲୋଚନା ହେଉଛି।

# 'ଗଣପର୍ବ ରଜର ଅନୁଭୂତି ନିଆରା'




ମହୋତ୍ସବରେ ରଜ କୁଇନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଅଫିସ, ୧୬।୬ (ସନାତନ ରାଉତ)

ଓଡ଼ିଶାର ଗଣପର୍ବ ରଜର ଅନୁଭୂତି ନିଆରା। ଗ୍ରୀଷ୍ମଋତୁରେ ବାୟୁମଣ୍ଡଳ ଉଷ୍ମ ଥିବାବେଳେ ରଜ ସମୟରେ ପ୍ରଥମ ମୌସୁମୀ ବର୍ଷା ଆଗମନ କରିଥାଏ। ରଜ ପରେ କୃଷି କାର୍ଯ୍ୟ ଆରମ୍ଭ ହୋଇଥାଏ। ରଜ ଏକ କୃଷିଭିତ୍ତିକ ପର୍ବ ଭାବେ ପାଳନ ହୋଇଥାଏ ବୋଲି ଭଦ୍ରକ ଜିଲା ଅଣିଜୋ ପଞ୍ଚାୟତ ନରିପୁରଠାରେ ଆୟୋଜିତ ୭ମ ବାର୍ଷିକ ରଜ ମହୋତ୍ସବରେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଡା. ଦାମୋଦର ପଣ୍ଡା, ସରପଞ୍ଚ ମାଳତୀଲତା ପୃଷ୍ଟି, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଖଇରା ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ଜିଲା ଯୁବ ବିଜେଡି ସମ୍ପାଦକ କାଶୀନାଥ ସେଠୀ, ପଞ୍ଚାୟତ ସଭାପତି ପରମେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଗ୍ରଣୀ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରଜ କୁଇନଙ୍କୁ ପୁରସ୍କୃତ କରାଯାଇଥିଲା। ବାପି ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ରାଜକିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମ୍ମିଳନୀ




ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲାପାଳ ଆଶିଷ ଠାକ୍‌ରେ ଓ ଅନ୍ୟମାନେ।

କେନ୍ଦୁଝର,୧୬।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଡି.ଏନ.ହାଇସ୍କୁଲ ଅଡିଟୋରିୟମ ହଲ୍‌ରେ ଶୁକ୍ରବାର ଜିଲାସ୍ତରୀୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ତଥା ଛାତ୍ରୀଛାତ୍ରଙ୍କ ଦିଗଦର୍ଶକ, ବନ୍ଧୁ, ଦାର୍ଶନିକ ଭାବେ ଗୁରୁଦାୟିତ୍ୱ ବହନ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ଜିଲାର ଚଳିତ ମାଟ୍ରିକ ପରୀକ୍ଷାର ରେଜଲ୍ଟ ସନ୍ତୋଷଜନକ ହେବାରେ ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ତଥା ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ଅବଦାନ ରହିଛି ବୋଲି ମନ୍ତବ୍ୟ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଚଳିତ ଶିକ୍ଷା ବର୍ଷରେ ଆହୁରି ଦାୟିତ୍ୱସମ୍ପନ୍ନ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ଜିଲାର ସମସ୍ତ ବିଇଓ, ଏବିଇଓ, ୩୫୦ରୁ ଅଧିକ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି ଅବସରରେ ଦୁଇ ଜଣ ଶ୍ରବଣ ବାଧିତ ଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରବଣ ସହାୟକ ଯନ୍ତ୍ର ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବିସିସି ବ୍ୟାଙ୍କ ଭୋଗରାଇ ଶାଖାରେ ଯୋଗଦେଲେ ନୂତନ ପରିଚାଳକ

ଭୋଗରାଇ,୧୬।୬(ପ୍ରଦୀପ ଦାସ)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖାର ନୂତନ ପରିଚାଳକ ଭାବେ ଅନନ୍ତ ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ କାର୍ଯ୍ୟ କରୁଥିବା ଶାଖା ପରିଚାଳକ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଅନ୍ୟତ୍ର ବଦଳି ହେବାରୁ ସେହି ସ୍ଥାନରେ ସେ ଯୋଗ ଦେଇଛନ୍ତି। ସୂଚନା ଅନୁଯାୟୀ, ନୂତନ ପରିଚାଳକ ଦାସ ୨୦୦୨ରେ ଜଣେ ଡାଟା ଏଣ୍ଟ୍ରି ଅପରେଟର ଭାବେ ଭୋଗରାଇ ବ୍ଲକ ଅନ୍ତର୍ଗତ ଗୁଡୁରିହାଜିରା ସେବା ସମବାୟ ସମିତିରେ ପ୍ରଥମେ କାର୍ଯ୍ୟରେ ଯୋଗଦେଇ ସଫଳତାର ସିଢି ଚଢ଼ିଛନ୍ତି। ସେ କାର୍ଯ୍ୟରେ ଯୋଗ ଦେବା ପରେ ଭୋଗରାଇ ବ୍ଲକ ଅଞ୍ଚଳର ସମସ୍ତ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ମାନେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକାଳ ମଧ୍ୟରେ ଭୋଗରାଇ ଅଞ୍ଚଳର କୃଷକମାନଙ୍କ ସ୍ୱାର୍ଥ ଲାଗି କାର୍ଯ୍ୟ କରିବା ସହ ଗ୍ରାହକ ସେବାକୁ ଗୁରୁତ୍ୱ ଦେବେ ବୋଲି ଦାସ କହିଛନ୍ତି।

## ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୩ୟ ସନ୍ଧ୍ୟା



ରଜ ମହୋତ୍ସବର ୩ୟ ସନ୍ଧ୍ୟାରେ ଜଣେ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବନ୍ତ,୧୬।୬(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିମାପଡ଼ା କପାଳୀକ୍ଷେତ୍ରଠାରେ ୮ମ ବାର୍ଷିକ ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୩ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଡ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ବିଡିଓ ପ୍ରଦୀପ କୁମାର ସେଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ବନ୍ତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ସୂର୍ଯ୍ୟମଣି ରାଉଳ ମଞ୍ଚାସୀନ ଥିଲେ। ଏହି ଅବସରରେ ବନ୍ତସ୍ଥିତ ଆମ ସେବା ସଙ୍ଗଠନର କର୍ମକର୍ତ୍ତା, କିନ୍ନର ମୀରା ପରିଡ଼ା, ଲୋରା ମହାନ୍ତି, ଯାତ୍ରା କଳାକାର ତପନ ମଲ୍ଲିକ, ମଧୁସ୍ମିତା ରାଉତ, ସାମାଜିକ କର୍ମୀ ସୁବାସିନୀ ମିଶ୍ର, ସୋମ ଗୁପ୍ତା ଓ ବାଲୁକା ଶିଳ୍ପୀ ଜୟନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରମାକାନ୍ତ ଜେନା ମଞ୍ଚ ଉପସ୍ଥାପନା ଓ କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୨ରେ ଖଇରା,ସୋର ଓ ନୀଳଗିରି ଗସ୍ତରେ ଆସିବେ ୫-ଟି ସଚିବ

ଖଇରା/ସୋର/ ନୀଳଗିରି,୧୬।୬(ଉତ୍କଳବନ୍ଧୁ ପଣ୍ଡା/ ଜନ୍ମେଜୟ ମିଶ୍ର/ପ୍ରଶାନ୍ତ ବିଶ୍ୱାଳ)

୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୨୨ ତାରିଖରେ ବାଲେଶ୍ୱର ଜିଲା ଖଇରା, ସୋର ଓ ନୀଳଗିରି ଅଞ୍ଚଳଗସ୍ତ କରିବା ନେଇ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୮ଟା୩୦ରେ ସେ କୁପାରୀ ହେଲିପ୍ୟାଡ୍‌ରେ ପହଞ୍ଚି କୁପାରୀ-ସୋର ରାସ୍ତାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ରୋଗୀମାନଙ୍କ ସହ ବାର୍ତ୍ତାଳାପ କରିବେ। ପୁନଶ୍ଚ କୁପାରୀ ଫେରି ପଞ୍ଚାୟତ ପଡ଼ିଆଠାରେ ସାଧାରଣ ଜନତା ଏବଂ ମିଶନ ଶକ୍ତି ଗୋଷ୍ଠୀ ସହ ବାର୍ତ୍ତାଳାପ କରିବେ। ପରେ ସିମୁଳିଆ ବ୍ଲକ ଗସ୍ତକରି ଜାମୁଝାଡିରେ ବାଉଁଶକାରିଗରଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବେ। ଏହି ଅବସରରେ ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ ଦେବ ଶୁକ୍ରବାର କୁପାରୀ ହେଲିପ୍ୟାଡ୍ ଓ ଅନ୍ୟାନ୍ୟସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ସୋରକୁ ୫-ଟି ସଚିବଙ୍କ ଗସ୍ତ ନିମନ୍ତେ ଶୁକ୍ରବାର ବ୍ଲକ ବିଜେଡି ସଭାପତି ଦୀପ୍ତିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ପ୍ରତାପ ଦେବ, ସୋର ବିଧାୟକ ପର୍ଶୁରାମ ଧଡ଼ା, ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକ, ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସନ୍ତୋଷ କୁମାର ମହାନ୍ତି, ଗିରିଶ ଚନ୍ଦ୍ର ଦାଶ, ନଗର ସଭାପତି ସୁକାନ୍ତ ମିଶ୍ର, ବାହାନଗା ବ୍ଲକ ସଭାପତି ଅଜୟ ପଣ୍ଡା, ଜିଲାପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ ଏବଂ ଶିଶିର ଅଗସ୍ତି ଯୋଗ ଦେଇଥିଲେ। ସେହିପରି ନୀଳଗିରି ଏନଏସି କଲ୍ୟାଣମଣ୍ଡପ ଠାରେ ବିଜେଡ଼ି ନେତା ଓ କର୍ମୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଦେବଙ୍କ ସମେତ ସହ-ପର୍ଯ୍ୟବେକ୍ଷକ ପ୍ରମୋଦ ଜେନା, ଶାରଦା ଜେନା, ରଞ୍ଜିତ ମହାପାତ୍ର, ରାଜ୍ୟବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ନୀଳଗିରି ବ୍ଲକ୍ ଅଧ୍ୟକ୍ଷ ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ବିଜେଡ଼ି ନେତା ସନ୍ତୋଷ ଖଟୁଆ, ତାପସ ପରିଡା, ବ୍ଲକ ସଭାପତି ବିଜୟ ଲେଙ୍କା, ରବୀନ୍ଦ୍ର ପରିଡ଼ା, ପ୍ରତି ପଞ୍ଚାୟତର ସରପଞ୍ଚ, ସଭ୍ୟଙ୍କ ସହ ନୀଳଗିରି ଏନ୍‌ଏସିର କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।

# କବିତା ଗ୍ରନ୍ଥ 'ରୁବି ରାଏ' ଲୋକାର୍ପିତ



କବିତା ଗ୍ରନ୍ଥ 'ରୁବି ରାଏ' ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର ଅଫିସ,୧୬।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ଗୋଲେଇରେ ବିଶିଷ୍ଟ ଗାଳ୍ପିକ,କବି କୃଷ୍ଣକୁମାର ମହାନ୍ତିଙ୍କ ପ୍ରଥମ କାବ୍ୟକୃତି 'ରୁବି ରାଏ' ଶୁକ୍ରବାର ସାହିତ୍ୟଖଟି ଦ୍ୱାରା ଲୋକାର୍ପିତ ହୋଇଛି। ଏହି ଉତ୍ସବରେ କବି, କଥାକାର ପ୍ରଶାନ୍ତ ଦାସ ଅଧକ୍ଷତା କରିଥିଲେ। ୧୫୦ ପୃଷ୍ଠା ବିଶିଷ୍ଟ 'ରୁବି ରାଏ'ରେ ୬୫ଟି ଚମତ୍କାର କବିତା ଅତ୍ୟନ୍ତ ସହଜ ସରଳ କାବ୍ୟଦୃଷ୍ଟି କବି ମହାନ୍ତିଙ୍କ କାବ୍ୟପଣର ଉତ୍କର୍ଷତା ପ୍ରକଟ କରିଛି ବୋଲି ଉପସ୍ଥିତ କବି ଶ୍ରୀଦେବ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ଉତ୍ପଳ ମହାନ୍ତି, କବି ଶୁଭେନ୍ଦୁ ଦାସ, ବରିଷ୍ଠ ଖବରଦାତା ଶଶିରଞ୍ଜନ ମଲ୍ଲିକ, ବୟୋଜ୍ୟେଷ୍ଠ ଆଲୋଚକ ନିରଞ୍ଜନ ଖୁଣ୍ଟିଆ, ପ୍ରିୟଦର୍ଶିନୀ ମହାନ୍ତି, କବି ମଧୁସୂଦନ ମିଶ୍ର, ସାମାଜିକ କର୍ମୀ ତୁଷାରକାନ୍ତି ତପସ୍ୱୀ, ସୁକୁମାର ଘୋଷ ପ୍ରମୁଖ ନିଜନିଜର ବକ୍ତବ୍ୟରେ କହିଥିଲେ। ସାମାଜିକ କର୍ମୀ ରାଜେଶ କୁମାର ଗିରି ପ୍ରାରମ୍ଭିକ କଥା ଓ ପ୍ରତ୍ୟାଶା ପ୍ରିୟମ୍ବଦା ଶେଷକଥା ରଖିଥିଲେ। କଣ୍ଠଶିଳ୍ପୀ ସୁଶ୍ରୀ ସତ୍ୟାଲିଶା ଶୁଭଦର୍ଶିନୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।

# ନୀଳଗିରି ସହରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ

ନୀଳଗିରି,୧୬।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ସହରର ଦୁର୍ଗା ମଣ୍ଡପ ଛକଠାରୁ ବାଇପାସ୍ ଛକ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଆଗକୁ ରଥଯାତ୍ରା ଥିବାରୁ ଏହି ଆଧୁନିକ ଏଲ୍‌ଇଡି ଲାଇଟ୍ ସହିତ ସମସ୍ତ ଖୁଣ୍ଟିରେ ହାଇମାସ୍କ ଲାଇଟ୍ ଲାଗିବା ଫଳରେ ସହରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବା ସହ ଉକ୍ତ ରାସ୍ତା ଆଲୋକମୟ ହୋଇଛି।

ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ ମିଳିତ ଭାବେ ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା, କାଉନସିଲର ରତିପ୍ରଭା ସାହୁ, ରାଜୁ ସିଂ, ପ୍ରତିମା ମୁଦୁଲି, ଆଦ୍ୟାଶା ଦାସ, ପ୍ରତାପ କୁମାର ସେଠୀ, କମଳାମଣି ପରିଡା, ସୁଚିସ୍ମିତା ବେହେରା, ବନିତା ମହାଳିକ, ଗୌରାଙ୍ଗ ବିନ୍ଧାଣୀ, ସୁଲୋଚନା ଖଟୁଆ, ପ୍ରିୟଙ୍କା ସିଂ, ରିତାଞ୍ଜଳି ପ୍ରଧାନ ଓ ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଛୁଟି ଟଙ୍କା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

## ବାଂଶପାଣି ଖଣିରେ ଶ୍ରମିକ ଅଶାନ୍ତି

ଯୋଡ଼ା,୧୬।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ଜଲହରିଠାରେ ଥିବା ବାଂଶପାଣି ଖଣିରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ପ୍ରାୟ ୧ ବର୍ଷ ଧରି ଖଣିରେ କାର୍ଯ୍ୟ କରୁଥିବା ଶତାଧିକ ଶ୍ରମିକ ଛୁଟି ଟଙ୍କା ଦାବିରେ ଗୁରୁବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ପ୍ରଚଣ୍ଡ ରୌଦ୍ରତାପକୁ ଭ୍ରୂକ୍ଷେପ ନ କରି ଶ୍ରମିକମାନେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖଣି ଆଗରେ ବସି ରହିଥିବା ଦେଖିବାକୁ ମିଳିଥିଲା।

ଶ୍ରମିକ ନେତା ଇନ୍ଦ୍ରମଣି ବେହେରାଙ୍କ ସୂଚନା ଅନୁଯାୟୀ, ଗତ ୩ ମାସ ହେବ ଶ୍ରମିକମାନଙ୍କ ପ୍ରାୟ ୭ ଦଫା ସମ୍ବଳିତ ନ୍ୟାଯ୍ୟ ଦାବି କରି ଖଣି ନିଗମଠାରେ ଦାବିପତ୍ର ଦିଆଯାଇଥିଲା। ମାତ୍ର ଦୀର୍ଘଦିନ ବିତିଯାଇଥିଲେ ହେଁ ଖଣି




ଖଣି ଆଗରେ ଆନ୍ଦୋଳନରତ ଶ୍ରମିକ।

ଏହାର ଶୁଣାଣି କରୁନାହିଁ। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଶ୍ରମିକଙ୍କ ପାଇଁ ବାଇକ ପାର୍କିଂ ବ୍ୟବସ୍ଥା, ଏମ୍ପ୍ଲୟମେଣ୍ଟ କାର୍ଡ, ଶ୍ରମିକଙ୍କ ପାଇଁ ୱାର୍କଶପ ବ୍ୟବସ୍ଥା, ଛୁଟି ପଇସା ପ୍ରଦାନ, ରୁମ୍ ରେଣ୍ଟ, ଧୂଳି ପଇସା ପ୍ରଦାନ, କ୍ୟାଣ୍ଟିନ ସୁବିଧା, ସ୍ୱାସ୍ଥ୍ୟସେବା ଯୋଗାଇବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଥିଲା। ଦାବିଗୁଡ଼ିକ ପୂରଣକରି ନ ଥିବା ବେଳେ ରଜପର୍ବ ପୂର୍ବରୁ ଶ୍ରମିକମାନଙ୍କୁ ବାର୍ଷିକ ଛୁଟି ପଇସା ମଧ୍ୟ ପ୍ରଦାନ କରାଯାଇନାହିଁ। ତେବେ ବାଂଶପାଣି ଖଣି ଏହିସବୁ ଦାବି ପୂରଣ ପାଇଁ ବାରମ୍ବାର ସମୟ ଅବଧି ମାଗି ଦାବି ପୂରଣ କରିନାହିଁ। ଏ ନେଇ ଶ୍ରମିକମାନେ ଖଣି ଆଗରେ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଡାକରାଦେଇଛନ୍ତି। ଶ୍ରମିକ ହେମନ୍ତ ପାତ୍ର, ସରୋଜ ଲୋହାର, ଜୟସିଂ ସର୍ଦ୍ଦାର, ରାଜେନ୍ଦ୍ର ପାତ୍ର, ଦୀପକ ବେହେରା, ବିଜୁ ପାତ୍ର, ସହଣୀ ନାଏକ ପ୍ରମୁଖ କହିଛନ୍ତି, ଜୁରୁଡ଼ି, ଜଲହରି ଅଞ୍ଚଳରେ ଘରୋଇ ଖଣିଗୁଡ଼ିକୁ ଓଡ଼ିଶା ଖଣି ନିଗମ ନିଜ ଅକ୍ତିଆରକୁ ନେବା ପରେ ଶ୍ରମିକ ମହଲରେ ନିଯୁକ୍ତି ତଥା ଶ୍ରମ ମଜୁରି ଆଶାତୀତ ଭାବେ ଫଳପ୍ରଦ ହେବ ବୋଲି ଆଶା ସଞ୍ଚାର ହୋଇଥିଲା। ହେଲେ ଖଣି କର୍ତ୍ତୃପକ୍ଷ ଶ୍ରମିକଙ୍କ ଶ୍ରମ ଦାନ, ପ୍ରାପ୍ୟ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାରେ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି ବୋଲି କହିଥିଲେ। ଏନେଇ ଖଣି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

